ଶନିବାର, ୨୦ ସେପ୍ଟେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ଗଣିତ ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ– ଆଚ୍ଛା ପିଲାମାନେ, କହିଲ ଦୁଇଟି ସମାନ୍ତରାଳ ରେଖା କାହିଁକି ପରସ୍ପରକୁ କାଟନ୍ତି ନାହିଁ ? ରୋହନ କହିଲା, ସାର୍ କାହିଁକି ନା, ସେହି ଦୁଇଜଣଙ୍କର ଦାନ୍ତ ନାହିଁ ତ !

(ଶାଶୁ–ବୋହୂଙ୍କ ମଧ୍ୟରେ କଥାବାର୍ତ୍ତା)

ଶାଶୁ ବଜାରରୁ ଫେରି ଡାକିଲେ– ବୋହୂ।

ବୋହୂ : ଆଜ୍ଞା ମା, କାଇଁ ଡାକୁଥିଲେ ?

ଶାଶୁ : ନେ, ଧନିଆ ଆଉ ଶୁଖିଲା ଲଙ୍କା ଆଣିଛି। ପ୍ରଥମେ ଲଙ୍କାର ମୁଣ୍ଡିକୁ ଛଡ଼ାଇ ମୁହଁରେ କପଡ଼ା ବାନ୍ଧି ପେଷିବୁ ଆଉ ଧନିଆରେ ମାଟି ଅଛି ତାକୁ ଭଲଭାବେ ଧୋଇ, ଶୁଖାଇ ସାରିଲା ପରେ ପେଷିବୁ।

ବୋହୂ: ହଉ ମା' ଦିଅ।

ବୋହୂ: ନିଅ ମା' ଲଙ୍କା ପାଉଡର ସବୁ ପେଷି ଦେଇଛି।

ଶାଶୁ: ଇଏ ତ ଲଙ୍କା ପାଉଡର ପରି ଦେଖାଯାଉନି।

ବୋହୂ: ମା' ଆପଣ ପରା କହିଥିଲେ ଲଙ୍କାମୁଣ୍ଡିକୁ ଛଡ଼ାଇ ପେଷିବୁ ବୋଲି, ସେଥିପାଇଁ ତ ସବୁ ଲଙ୍କା ମୁଣ୍ଡିକୁ ଛଡ଼ାଇ ପେଷି ଦେଇଛି।

ଶାଶୁ : ତେବେ ଲଙ୍କା କୁଆଡ଼େ ଗଲା ?

ବୋହୂ: ସବୁ ଲଙ୍କାକୁ ମୁଁ ଫୋପାଡ଼ି ଦେଇଛି ।

ଶାଶୁ: ଆଉ ଧନିଆଁ କୁଆଡ଼େ ଗଲା ?

ବୋହୂ: ମୁଁ ଧନିଆକୁ ୱାଶିଂମେଶିନ୍‌ରେ ପକାଇଛି। ସେ ସଫା ହୋଇଗଲା ପରେ ତାକୁ ଶୁଖାଇବି ପୁଣି ପେଷିବି।

# ବୁଦ୍ଧିଆର ବୁଦ୍ଧି



ଗପ

ସୁନାପାଳ ବୋଲି ଗୋଟିଏ ଗ୍ରାମ ଥିଲା। ସେଠାରେ ଗୋଟିଏ ପିଲା ରହୁଥିଲା ଯାହାର ନାମ ବୁଦ୍ଧିଆ। ବୟସ ଆଠ ବର୍ଷ ପାଞ୍ଚ ମାସ ଥିଲାବେଳେ ମା' ବାପା ଉଭୟ ଜ୍ୱରରେ ପଡ଼ି ଆରପାରିକୁ ଚାଲିଗଲେ। ଏକା ହିଁ କେବଳ ଗୋଟିଏ କୁଡ଼ିଆ ଘରେ ରହୁଥିଲା । ଲୋକଙ୍କ ଘରେ ଯାଇ କାମ କରେ ଆଉ ଯାହା ଦିଅନ୍ତି ସେଇଆ ହିଁ ଖାଇ କି ରୁହେ। ଥରେ ଅନ୍ୟ ଏକ ପଡ଼ୋଶୀ ଗ୍ରାମର ଜମିଦାର ଯିଏ କି ବହୁତ ଶକ୍ତିଶାଳୀ ଏବଂ ଧନୀ ଥିଲେ, ସେ ଚିଠି ପଠାଇଲେ ଏବଂ କହିଲେ ମୁଁ ପଚାରିଥିବା ପ୍ରଶ୍ନର ଉତ୍ତର ଦିଅ ନଚେତ ମୁଁ ଲୋକ ପଠେଇ ତୁମର ସବୁ ଧନ ସମ୍ପତ୍ତି ଛଡେଇ ଆଣିବି। ଏହା ଶୁଣିସାରି ସୁନାପାଳ ଗ୍ରାମର ଜମିଦାର ଭୟଭୀତ ହୋଇଗଲେ ଏବଂ ସବୁଆଡେ ପ୍ରଚାର ପ୍ରସାର କରିଦେଲେ, ଯିଏ ଏହି ପ୍ରଶ୍ନର ଉତ୍ତର ଦେଇପାରିବ ତାକୁ ବହୁତ ପୁରସ୍କାର ମିଳିବ। ପ୍ରଶ୍ନଟି ଥିଲା 'ସବୁଠାରୁ ମୂଲ୍ୟବାନ ଜିନିଷ କ'ଣ' ? ଏହା ଶୁଣି ସମସ୍ତେ ଭାବିଲେ ଏଇ ପ୍ରଶ୍ନର ଉତ୍ତର ତ ସହଜ, କିନ୍ତୁ ସେ ବୋକା ଜମିଦାର ଜାଣିନାହିଁ।

କିଏ ଆସି କହିଲା ସୁନା, ପୁଣି କିଏ କହିଲା ରୁପା

ପୁଣି କିଏ ଆସିଲା ଯେ ଟଙ୍କା, ହୀରା, ମୋତି। ଏମିତି ବିଭିନ୍ନ ଭାବରେ ସମସ୍ତେ ଉତ୍ତର ଦେଲେ। କିନ୍ତୁ ପ୍ରକୃତ ଉତ୍ତର ତାହା ନ ଥିଲା। ଜମିଦାରଙ୍କ ପାଖରେ କାମ କରୁଥିବା ବୁଦ୍ଧିଆ ଏ ସବୁ ଶୁଣୁଥାଏ ଏବଂ ସିଏ ସାହସ କରି ଜମିଦାର ବାବୁଙ୍କୁ କହିଲା ଯେ, ବାବୁ ମୁଁ ଏହାର ଉତ୍ତର ଜାଣିଛି, ଯଦି ମୋତେ ଅନୁମତି ଦିଆଯିବ ତାହେଲେ ମୁଁ କହିପାରିବି। ଏହାପରେ ଜମିଦାରଙ୍କ ଅନୁମତି ପରେ ସିଏ କହିଲା ବାବୁ 'ସବୁଠାରୁ ମୂଲ୍ୟବାନ ଜିନିଷ ହେଉଛି ଶିକ୍ଷା ବା ଜ୍ଞାନ'। କିଭଳି, ପ୍ରଶ୍ନ କଲେ ଜମିଦାର। ବୁଦ୍ଧିଆ କହିଲା ''ସବୁ କିଛି ଜିନିଷ ଯାହାକୁ ଆମେ ମୂଲ୍ୟବାନ୍ ଭାବୁଛେ ତାହା ଦିନେ ନା ଦିନେ ସରିଯିବ, ପାଣିରେ ଭାସିଯିବ, ହୁଏତ ନିଆଁରେ ପୋଡ଼ିଯିବବା ଆଶଙ୍କା ବି ରହିଥାଏ। କିନ୍ତୁ ଶିକ୍ଷା ଆଉ ଜ୍ଞାନ କେବେ ସରିବ ନାହିଁ କି କେହି ତାକୁ ଚୋରି ମଧ୍ୟ କରିପାରିବେ ନାହିଁ । ତେଣୁ ବାସ୍ତବ ଅର୍ଥରେ ଦେଖିଲେ ଜ୍ଞାନ ହିଁ ସବୁଠୁ ଅଧିକ ମୂଲ୍ୟବାନ୍''। ବୁଦ୍ଧିଆ ଠାରୁ ଏହି ଉତ୍ତର ଶୁଣି ସମସ୍ତେ ଖୁସି ହୋଇଗଲେ।

ଜମିଦାର କହିଲେ ''ଆମ ଗାଁରେ ପ୍ରକୃତରେ ବୁଦ୍ଧିଆ ହେଉଛି ସବୁଠାରୁ ବୁଦ୍ଧିମାନ୍''

**– ସୁମନ ପାତ୍ର**

କ୍ଲାସ–୫, ଚୁଳିଆପୋଷି ପ୍ରାଥମିକ ବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ

# ଗର୍ଭରୁ ଶିଖନ୍ତି

ମହାଭାରତରେ ଅଭିମନ୍ୟୁ ଗର୍ଭରେ ଥିବା ସମୟରେ ଯୁଦ୍ଧର କୌଶଳ ଶିଖିଥିବା କଥା ସମସ୍ତେ ଜାଣନ୍ତି। ଏହି କଥାକୁ ହୁଏତ ଅନେକେ ବିଶ୍ୱାସ କରି ନ ପାରନ୍ତି, ମାତ୍ର ଏମିତି ଏକ ବିସ୍ମୟ ଦେଖିବାକୁ ମିଳେ ହାତୀଙ୍କ କ୍ଷେତ୍ରରେ।



ଯେକୌଣସି ସ୍ତନ୍ୟପାୟୀ ପ୍ରାଣୀଙ୍କ ତୁଳନାରେ ହାତୀର ଗର୍ଭଧାରଣ ସମୟ ସବୁଠାରୁ ଅଧିକ ୨୨ ମାସ ହୋଇଥାଏ। ଏତେ ଅଧିକ ସମୟ ଗର୍ଭଧାରଣ ପାଇଁ ହାତୀ ଛୁଆଙ୍କ ମସ୍ତିଷ୍କ ବିକଶିତ ହୋଇ ଯାଇଥାଏ। ଏଥିପାଇଁ ସେମାନେ ଅନ୍ୟ ପ୍ରାଣୀଙ୍କ ଛୁଆଙ୍କ ତୁଳନାରେ ଭିନ୍ନ ହୋଇଥାନ୍ତି। ଜନ୍ମ ସମୟରୁ ସେମାନେ ଅନ୍ୟ ହାତୀଙ୍କ ଭଳି ପରିପକ୍ୱ ବ୍ୟବହାର କରନ୍ତି। ଏମାନେ ନିଜ ସାମାଜିକ ସରଞ୍ଚନାକୁ ଜାଣିପାରିବା ସହିତ ଜନ୍ମ ହେବା ମାତ୍ରେ ଭୋଜନ କରିବା ପାଇଁ ଶୁଣ୍ଢର ବ୍ୟବହାର ଶିଖି ଯାଇଥାନ୍ତି। ଏମିତିକି ହାତୀଛୁଆଙ୍କୁ ଯଦି ଏକୁଟିଆ କୌଣସି ସ୍ଥାନରେ ଛାଡ଼ି ଦିଆଯାଏ ତେବେ ସେ ତା'ର ସବୁ କାମ ନିଜେ କରିପାରିବ ଓ ବଞ୍ଚିପାରିବ। ଏମିତିକି କୌଣସି ବିପଦକୁ ମଧ୍ୟ ସାମ୍ନା କରିବା ପାଇଁ ସେ ସକ୍ଷମ ହୋଇଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି କି ହାତୀର ଏକ ସ୍ୱତନ୍ତ୍ର ଧରଣର ହରମୋନ୍ ରହିଛି ଯେଉଁଥିପାଇଁ ଏତେ ଲମ୍ବା ସମୟ ଗର୍ଭଧାରଣ ହୋଇଥାଏ। ହାତୀ ଭଳି ହରମୋନ୍ ପ୍ରକ୍ରିୟା ଅନ୍ୟ କୌଣସି ସ୍ତନ୍ୟପାୟୀ ପ୍ରଜାତିଙ୍କ ପାଖରେ ଦେଖାଯାଏ ନାହିଁ। ହାତୀଙ୍କର ସ୍ମରଣଶକ୍ତି ଖୁବ୍ ପ୍ରଖର। ସେମାନେ କୌଣସି ଜିନିଷକୁ ବହୁବର୍ଷ ପର୍ଯ୍ୟନ୍ତ ମନେ ରଖିପାରନ୍ତି। ସହାନୁଭୂତି, ଦୁଃଖ, ପରୋପକାରିତା ଭଳି ବିଭିନ୍ନ ଭାବନା ମଧ୍ୟ ହାତୀ ପାଖରେ ଦେଖିବାକୁ ମିଳିଥାଏ। ତେବେ ସବୁଠୁ ଅଧିକ ସମୟ ଗର୍ଭଧାରଣ କରୁଥିବା ପ୍ରାଣୀ ହେଉଛି ସାର୍କ। ପ୍ରାୟ ୪୨ ମାସ ପରେ ସାର୍କ ଛୁଆ ଦେଇଥାଏ।

## ମତାମତ

▶▶ ଗତ ସପ୍ତାହରେ 'ଗପ' ସ୍ତମ୍ଭରେ ପ୍ରକାଶିତ 'ସହନଶୀଳତା' ପଢ଼ି ସେ ବିଷୟରେ ଅନେକ କିଛି ଜାଣିହେଲା।

**– ସୁନନୟା ସାହୁ, ଯାଜପୁର**

▶▶ ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଛି।

**– ପ୍ରକାଶ ନାୟକ, ଖୋର୍ଦ୍ଧା**

▶▶ 'କବିତା' ସ୍ତମ୍ଭରେ ପ୍ରକାଶ ପାଉଥିବା କବିତାଗୁଡିକ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

**–ତଜୁନା ମିଶ୍ର, ରାଉରକେଲା**

▶▶ ଗତ ସପ୍ତାହରେ 'ଜୀବ ଜଗତର ବିସ୍ମୟକର ଇଞ୍ଜିନିୟର' ବିଷୟଟି ପଢ଼ି ଭଲ ଲାଗିଲା।

**– ତପନ କୁମାର ମହାନ୍ତି, ସୁନାବେଡା**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com

# ନୈତିକ ଶିକ୍ଷା

**ଏହା ଏମିତି ଏକ ଶିକ୍ଷା ଯାହାକୁ ବିଧିବଦ୍ଧ ପଢ଼ାଯାଏ ନାହିଁ। ଏଥିପାଇଁ କୌଣସି ସିଲାବସ୍ ମଧ୍ୟ ତିଆରି ହୋଇନାହିଁ ଏହି ଶିକ୍ଷା ନିମନ୍ତେ କୌଣସି ଡିଗ୍ରୀ ବି ମିଳେନାହିଁ ହେଲେ ଜୀବନର ପ୍ରତ୍ୟେକ ସ୍ଥାନରେ ନୈତିକ ଶିକ୍ଷାର ମୂଲ୍ୟବୋଧ ରହିଛି। ଏକଥା ବୁଝି ଛୋଟବେଳରୁ ଏହାକୁ ଆପଣେଇ ନେବା ଜରୁରୀ।**



ନୀତିଶିକ୍ଷା ଏମିତି ଏକ ଶିକ୍ଷା ଯାହା ସବୁ ସମୟରେ ଆପଣେଇବାକୁ ହୁଏ ଓ ଶିଖିବାକୁ ବି ପଡ଼ିଥାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସିଲାବସ୍ ନାହିଁ। ପ୍ରକୃତି, ସମାଜ ପରିବେଶ ଆଉ ପରିବାରରୁ ଏହି ଶିକ୍ଷା ମିଳିଥାଏ। ଆଉ ପିଲାବେଳରୁ ପ୍ରଥମେ ନୈତିକ ଶିକ୍ଷା ହିଁ ଦିଆଯାଏ। ଫଳରେ ଉତ୍ତମ ସଂସ୍କାର ମିଳିପାରେ। ନୈତିକ ଶିକ୍ଷାକୁ ଛାଡି ସଫଳତାର କୌଣସି ମୂଲ୍ୟ ନ ଥାଏ। ଏଥିପାଇଁ ପିଲାଙ୍କୁ ସବୁ ପ୍ରକାରର ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦିଆଯାଏ। ସିଲାବସ୍‌ର ପାଠ ବ୍ୟତୀତ ପିଲାଙ୍କ ପାଇଁ ନୈତିକ ଶିକ୍ଷାର ବି ଢେର୍ ଆବଶ୍ୟକତା ରହିଛି।

ପିଲାଙ୍କର ସଫଳ ଭବିଷ୍ୟତ ନିମନ୍ତେ ସ୍କୁଲ ପାଠ ଯେତିକି ଆବଶ୍ୟକ, ନୈତିକ ପାଠ ବି ସେତିକି ଜରୁରୀ। ଆଜିକାଲି ଆଧୁନିକ ଯୁଗର ପିଲାମାନେ ସୋସିଆଲ ମିଡିଆ ତଥା ଟିଭି ଓ ଫୋନ୍ ମାଧ୍ୟମରେ ବିଭିନ୍ନ ପ୍ରକାରର ଶିକ୍ଷା ହାସଲ କରିବାରେ ସକ୍ଷମ ହେଉଛନ୍ତି। ଏମିତିକି ନିଜ ବୟସ ତୁଳନାରେ କେତେକ ଅସାଧାରଣ କାମ ବି କରି ପାରୁଛନ୍ତି। ଏହା ବ୍ୟତୀତ କୌଣସି ବିଷୟରେ ଶିକ୍ଷା ନେବାପାଇଁ ଇଚ୍ଛା କଲେ ବିଭିନ୍ନ ସ୍ଥାନରେ ତାଲିମ ଦେବାର ବ୍ୟବସ୍ଥା ବି କରି ହେଉଛି। ତେବେ ଏସବୁ ଭିତରେ ନୈତିକ ଶିକ୍ଷାର ବି ଆବଶ୍ୟକତା ରହିଛି ଏକଥାକୁ ଭୁଲିବା ଉଚିତ ନୁହେଁ। ଆଉ ଏହି ଶିକ୍ଷାର ମୂଳଦୁଆ ବି ପଡିଥାଏ ପରିବାରରୁ। ତେଣୁ ପିଲାମାନେ ନିଜ ପରିବାରର ସଂସ୍କାର ଆପଣେଇବାକୁ ଭୁଲନ୍ତୁ ନାହିଁ।

## ଆବଶ୍ୟକତା

ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହାସଲ କରି ପିଲାମାନେ ହୁଏତ ବହୁ ସଫଳତା ହାସଲ କରିପାରନ୍ତି। ହେଲେ ଅନେକ ସମୟରେ ଜୀବନ ବଞ୍ଚିବାର କଳା ଜାଣିପାରନ୍ତି ନାହିଁ। ସେଥିପାଇଁ ସମସ୍ତ ସୁଖସୁବିଧା ଥିଲେ ବି ଜୀବନର ପ୍ରକୃତ ଆନନ୍ଦ ନେଇ ପାରନ୍ତି ନାହିଁ। ଅନେକ ସମୟରେ ପରିବାର ଓ ସମ୍ପର୍କ ବି ନଷ୍ଟ ହୋଇଯାଏ। ନୈତିକ ଶିକ୍ଷା ଅଭାବ ଥିଲେ ସେମାନେ ଗୁରୁଜନଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରନ୍ତି ନାହିଁ କି ନିଜ ଭବିଷ୍ୟତ ପିଢ଼ିକୁ ଗଢ଼ି ତୋଳିବାକୁ ସକ୍ଷମ ହୋଇପାରନ୍ତି ନାହିଁ। ଏସବୁ ଦୃଷ୍ଟିରୁ ଛୋଟବେଳରୁ ନୈତିକ ଶିକ୍ଷା ଗ୍ରହଣ କରିବାର ଢେର୍ ଆବଶ୍ୟକତା ରହିଛି। ନୈତିକ ଶିକ୍ଷା ଯଦିଓ କୌଣସି ସାର୍ଟିଫିକେଟ୍ ଦେଇ ନ ଥାଏ ହେଲେ ଏହା ସମାଜର ପ୍ରତ୍ୟେକ ସ୍ଥାନରେ ଏକ ଭିନ୍ନ ପରିଚୟ ଦେଇଥାଏ। ଅନେକ ସ୍ଥାନରେ ଏହା ବ୍ୟବହାରରେ ପ୍ରତିଫଳିତ ହୋଇଥାଏ ଓ କ୍ୟାରିୟର ସାର୍ଟିଫିକେଟ ତୁଳନାରେ ଏହା ଅଧିକ ସଫଳତା ବି ଦେଇଥାଏ। ତେଣୁ ପିଲାମାନେ ଏକ ନୀତି ନିୟମ ଓ ଶୃଙ୍ଖଳା ଭିତରେ ଜୀବନ ନିର୍ବାହ କରିବା ଦରକାର।

## କେଉଁଠୁ ମିଳିବ

ପ୍ରଥମେ ପରିବାରରୁ ହିଁ ଆରମ୍ଭ ହୋଇଥାଏ ନୈତିକ ଶିକ୍ଷା। ଘରର ଗୁରୁଜନମାନେ ହିଁ ଆଚାର ବ୍ୟବହାରରେ ନୈତିକ ଶିକ୍ଷା ଆପଣେଇବାକୁ ପରାମର୍ଶ ଦିଅନ୍ତି। ତେଣୁ ସେମାନଙ୍କ କଥା ଅନୁସାରେ ନିଜକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ଏହା ବ୍ୟତୀତ ସ୍କୁଲରେ ମଧ୍ୟ ଶିକ୍ଷକମାନେ ବିଭିନ୍ନ ମାଧ୍ୟମରେ ନୈତିକତା ଶିକ୍ଷା ଦିଅନ୍ତି। ଏସବୁ ପରେ ଆଜିକାଲି ସୋସିଆଲ ମିଡିଆରେ ମଧ୍ୟ ମୋଟିଭେସନାଲ ସ୍ପିକରମାନେ ବିଭିନ୍ନ ନୈତିକ ମୂଲ୍ୟବୋଧର କଥା କହୁଛନ୍ତି। ତେଣୁ ନୈତିକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ପିଲାମାନେ ଏସବୁ ମାଧ୍ୟମରେ ଜାଣିପାରିବେ ଓ ନିଜକୁ ସେହି ଅନୁସାରେ ବଦଳାଇପାରିବେ।

## ଏମାନେ କ'ଣ କରନ୍ତି

### ଚେଷ୍ଟା ଚଳାଇଛି



ସ୍କୁଲରେ ପଢିବା ଆଗରୁ ସବୁଦିନ ଘରେ ସକାଳୁ ଉଠିବା, ନିତ୍ୟକର୍ମ କରିବା ଆଉ ପ୍ରାର୍ଥନା ଆଦି କରେ। ଛୋଟବେଳରୁ ଏସବୁ ଅଭ୍ୟାସ ହୋଇଯାଇଛି। ତା ଛଡା ଭଲ ବ୍ୟବହାର କରିବା, ଭଲ କଥା କହିବା, ମିଛ କହିବା ନାହିଁ ଏମିତି ଅନେକ ପ୍ରକାରର ନୀତି ଶିକ୍ଷା ବି ଘରେ ପିଲାବେଳରୁ ଶିକ୍ଷା ଦେଇଛନ୍ତି। ସେହି ଅନୁସାରେ ନିଜକୁ ସୁଧାରିବା ପାଇଁ ଚେଷ୍ଟା ବି କରୁଛି। ଗୁରୁଜନମାନଙ୍କୁ ସମ୍ମାନ ଦେବା, ସାନମାନଙ୍କୁ ସ୍ନେହ ଦେବା ପାଇଁ ଚେଷ୍ଟା କରୁଛି। ଏବେ ପାଠ ପଢ଼ିବା ହେଉଛି ଆମର ମୁଖ୍ୟ କାମ। ତା' ସହିତ ଅନ୍ୟ ସବୁ କାମ ଠିକ୍‌ଭାବରେ କରିବା ପାଇଁ ଚେଷ୍ଟା କରୁଛି।


**-ବି. ଶୁଭଙ୍କର ରାଉତ**
କ୍ଲାସ- ୯, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

### ଗୁରୁଜନଙ୍କ କଥା ମାନୁଛି



ପ୍ରତି ମୁହୂର୍ତ୍ତରେ ନିଜ କାମ ଠିକ୍ ଭାବରେ କରିବା, ଭଲ ବ୍ୟବହାର ଦେଖାଇବା ଓ ମହତ ଲକ୍ଷ୍ୟ ରଖିବା ହିଁ ନୀତି ଶିକ୍ଷା। ତେଣୁ ସବୁ ସମୟରେ ନିଜକୁ ଭଲ କରିବା ପାଇଁ ଯାହା କରିବା ଦରକାର ସେସବୁ କରୁଛି। ଘରୁ ଶିଖିଥିବା ସଂସ୍କାର ଅନୁସାରେ ସବୁ କାମ କରୁଛି। ତା' ଛଡା ସ୍କୁଲରେ ପାଠପଢା ସମୟରେ ସାର୍‌ମାନେ ବି ବିଭିନ୍ନ ଉଦାହରଣ ଦେଇ ନୀତି ଶିକ୍ଷା ସବୁ ଦେଇଥାନ୍ତି। ନୀତିଶିକ୍ଷା ଆପଣାଇ ଭଲ ମଣିଷ ହେବାକୁ ଆମ ପାଠ ବହିରେ ମଧ୍ୟ ବିଭିନ୍ନ ବିଷୟ ରହିଛି। ମୁଖ୍ୟ କଥା ହେଉଛି ଗୁରୁଜନ ତଥା ଶିକ୍ଷକମାନଙ୍କର ସବୁ କଥା ମାନିବା ଦ୍ୱାରା ଆମେ ଭଲ ମଣିଷ ହୋଇପାରିବା। ଏଇ କଥାକୁ ମନେ ରଖି ମୁଁ ଜୀବନରେ ପ୍ରୟୋଗ କରି ଆଗେଇ ଚାଲିଛି।

**-ଦେବାଂଶୀ ରାଜଗୁରୁ**
କ୍ଲାସ-୭, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ



ପିଲାମାନଙ୍କୁ ନୈତିକ ଶିକ୍ଷା ଦେବାରେ ସ୍କୁଲ ପରିବେଶ ମଧ୍ୟ ଅନେକାଂଶରେ ଫଳପ୍ରଦ ହୋଇଥାଏ। ସ୍କୁଲ ଆରମ୍ଭରୁ ପ୍ରାର୍ଥନା ତା'ପରେ ନିର୍ଦ୍ଦିଷ୍ଟ ସମୟ ଅବଧିରେ ସବୁ କ୍ଲାସର ପାଠପଢ଼ା, ଖେଳକୁଦ ଆଦି ବ୍ୟବସ୍ଥା କରାଯାଇଥାଏ। ସବୁକିଛି ଏକ ସମୟ ଭିତରେ କରିବା ସହ ଶିକ୍ଷକମାନଙ୍କୁ ସମ୍ମାନ ତଥା ଗୁରୁଜନ ଓ ଲଘୁଜନଙ୍କ ପ୍ରତି ବ୍ୟବହାର ମଧ୍ୟ ଶିକ୍ଷା ମିଳିଥାଏ। ତେଣୁ ପିଲାମାନେ ଏସବୁ ପରିବେଶରେ ନିଜକୁ ଠିକ୍ ଭାବରେ ଗଢ଼ିତୋଳିବା ଦରକାର।

## ନିୟମ କାନୁନ

ସମାଜର ବିଭିନ୍ନ କ୍ଷେତ୍ରରୁ ମଧ୍ୟ ଆମକୁ ନୈତିକ ଶିକ୍ଷା ମିଳିଥାଏ। ସବୁ ସ୍ଥାନରେ ନିୟମକାନୁନ ପାଳନ କରିବା ହିଁ ନୈତିକ କର୍ତ୍ତବ୍ୟ। ଏଭଳି ଭାବରେ ନିୟମ ଭିତରେ ଜୀବନଧାରଣ କରିବା ଫଳରେ ଅନୁଶାସନର ମୂଲ୍ୟବୋଧକୁ ଅନୁଭବ କରିହୁଏ। ଆଉ ଏହି ନୈତିକ ଶିକ୍ଷା ହିଁ ସମାଜରେ ଭିନ୍ନତା ପ୍ରତିପାଦନ କରିଥାଏ। ନୈତିକ ଶିକ୍ଷା ହାସଲ କରିଥିବା ପିଲାମାନେ ନୀତି ନିୟମ ପାଳନ କରି ନିଜର ଉତ୍ତମ ସଂସ୍କାର ପ୍ରତିପାଦନ କରିପାରିବେ। ତେଣୁ ଶିକ୍ଷା ହେଉ କି କ୍ୟାରିୟର ଅବା ସମାଜର ଅନ୍ୟ ଯେକୌଣସି ସ୍ଥାନରେ ବି ନୈତିକ ଶିକ୍ଷାର ଢେର୍ ଆବଶ୍ୟକତା ରହିଛି।



୧


୨


୩


୭


୪


୫


୬


୮


ବେଦାର୍ଥ ଦାଶ
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗଙ୍ଗନଗର, ଭୁବନେଶ୍ୱର
୧

ମନଷା ନାୟକ
କ୍ଲାସ- ୩, ମଦର୍ସ ପବ୍ଲିକ ସ୍କୁଲ, ପାହାଳ, ଭୁବନେଶ୍ୱର

୨


ରିତେଶ ରାଉତ
କ୍ଲାସ-୮, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର
୩

ଆଶୁତୋଷ ସାହୁ
କ୍ଲାସ- ୨, କେମ୍ବ୍ରିଜ୍ ସ୍କୁଲ, କ୍ୟାଣ୍ଟନମେଣ୍ଟ ରୋଡ, କଟକ

୪


ମେଘା ସେଜଲ ପ୍ରଧାନ
କ୍ଲାସ- ୬, ୟୁ. ଜି ହାଇସ୍କୁଲ, ଡୁଙ୍ଗୁରିପାଲୀ, ପାଇକମାଳ, ବରଗଡ଼
୫

ଅଭିସୁମତ ସାମଲ
କ୍ଲାସ-୪, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର

୬


ଚୀରଞ୍ଜୀବୀ ଦାଶ
କ୍ଲାସ- ୨, ରୟାଲ ପବ୍ଲିକ ସ୍କୁଲ, କେଶୁରା, ଭୁବନେଶ୍ୱର
୭

ରିତେଶ ରଞ୍ଜନ ବେହେରା
କ୍ଲାସ-୯,ମଞ୍ଚନାଥଦେବ ହାଇ ସ୍କୁଲ, ମଞ୍ଚେଶ୍ୱର,ଭୁବନେଶ୍ୱର

୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସବୁଠୁ ବଡ଼ ବାଇଗଣ




ମାର୍କେଟରେ ବିଭିନ୍ନ ପ୍ରକାରର ବାଇଗଣ ମିଳେ। ହେଲେ ଏମିତି ଗୋଟିଏ ବାଇଗଣ ଦେଖିଛନ୍ତି କି ଯାହାର ଓଜନ ୪ କିଲୋଗ୍ରାମ୍। ଗୋଟିଏ ବାଇଗଣର ଓଜନ ଏତେ ଅଧିକ ହୋଇଥିବ ଏକଥା ଶୁଣିବାକୁ ହୁଏତ ଅଜବ ମନେ ହୋଇପାରେ। ହେଲେ ଏଭଳି ଏକ ବିଶାଳ ବାଇଗଣ ଅମଳ କରିବାରେ ସଫଳ ହୋଇପାରିଛନ୍ତି ଆମେରିକାର ଏରିକ୍ ଗନସ୍ଟ୍ରୋମ୍। ତିନିବର୍ଷ ତଳେ ସେ ଏକ ସ୍ୱତନ୍ତ୍ର ଧରଣର ବାଇଗଣ ଚାଷ ଆରମ୍ଭ କରିଥିଲେ। ଏହି ବାଇଗଣ ଦେଖିବାକୁ କଳା ଏବଂ ଚିକ୍କଣ। ସାଧାରଣତଃ ସେ ଚାଷ କରିଥିବା ବାଇଗଣ ପ୍ରଜାତି ଅନ୍ୟ ସବୁ ବାଇଗଣ ତୁଳନାରେ ବଡ଼ ହୋଇଥାଏ ଓ ଏହା ଅତ୍ୟନ୍ତ ପୁଷ୍ଟିକର। ସେଥିପାଇଁ ଏହି ବାଇଗଣର ଚାହିଦା ସବୁଠି ରହିଥାଏ। ତେବେ ଗତ ଅଗଷ୍ଟ ମାସରେ ସେ ଯେଉଁ ବାଇଗଣ ଅମଳ କରିଥିଲେ ସେଥିମଧ୍ୟରେ ଗୋଟିଏ ବାଇଗଣ ଅତ୍ୟନ୍ତ ବଡ଼ ହୋଇଥିଲା, ଯାହାର ଓଜନ ୩.୯୬୯ କିଲୋଗ୍ରାମ୍। ଏତେ ବଡ଼ ବାଇଗଣକୁ ସେ ପ୍ରଥମେ ପେନସିଲ୍‌ଭାନିଆର ଏକ ପ୍ରଦର୍ଶନୀରେ ସ୍ଥାନ ଦେଇଥିଲେ। ଏହାପରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା। ବିଶ୍ୱର ସବୁଠୁ ବଡ଼ ବାଇଗଣ ଅମଳ କରିଥିବାରୁ ତାଙ୍କ ନାମ ଗିନିଜ୍ ରେକର୍ଡରେ ବି ସ୍ଥାନ ପାଇଛି।

# ଏଥରର

- ଭୂମିକମ୍ପ ମାପିବା ଯନ୍ତ୍ରର ନାମ ?
- 'ହୋମ୍ ଆଣ୍ଡ ଦି ୱାର୍ଲଡ' ପୁସ୍ତକର ଲେଖକ ?
- ତୁମେ ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି। ଏହି ସ୍ଲୋଗାନ୍‌ଟି କାହାର ଥିଲା ?
- କେଉଁ ତାପମାତ୍ରାରେ ଭାରିଜଳ ଫୁଟିବା ଆରମ୍ଭ କରେ ?
- କେଉଁ ସହରକୁ ଦକ୍ଷିଣ ଭାରତର ମାଞ୍ଚେଷ୍ଟର କୁହାଯାଏ ?

## ଗତଥରର ଉ ତ୍ତ ର



- ମାଇକ୍ ଟାଇସନ୍
- ଘୋଡ଼ା ଦୌଡ଼
- ସୁବର୍ଣ୍ଣ
- ନ୍ୟୁଜିଲାଣ୍ଡ
- ଜେନ୍ ଅଷ୍ଟିନ୍

## କହିଲ ଦେଖି

ଶରୀର ତାହାର ବହୁତ ଟାଣ
ଉଭୟଚର ପ୍ରାଣୀ ସିଏ ଜାଣ
ଧୀର ଧୀର ଚାଲି ଅଟେ ତାହାର
ବିଷ୍ଣୁଙ୍କ ସିଏ ଏକ ଅବତାର
କହିକି ପାରିବ ନାମ ତାହାର ?




**ଉତ୍ତର: କଇଁଛ**

ଭାରି ବିଷଧର ସିଏ ତ ଜାଣ
ଶିବଙ୍କ ଗଳାରେ ତାହାରି ସ୍ଥାନ
ପେଟେ ଭରା ଦେଇ ଚାଲଇ ସିଏ
ସରୀସୃପ ଜାତିରେ ଗଣାହୁଏ
କହିକି ପାରିବ ଅଟଇ କିଏ ?




**ଉତ୍ତର: ନାଗସାପ**

ଲାଞ୍ଜରେ ତାହାର ବିଷ ବହୁତ
ଘରେ ଓ ବାହାରେ ତା' ଆତଯାତ
ତା' ଚୋଟକୁ ଭାରି ଡରେ ମଣିଷ
ପଥର ତଳେ ସେ କରଇ ବାସ
କହିକି ପାରିବ ତା' ନାମ କିସ ?



**ଉତ୍ତର: ବିଛା**

ସିଏ ତ ଅଟଇ ସଭିଙ୍କ ମାତା
ଦେବତା ଭାବେ ହୁଅଇ ପୂଜିତା
ତା' କ୍ଷୀର ଅଟଇ ଅମୂଲ୍ୟ ଦାନ
ଘାସ କୁଣ୍ଡା ଦାନା କରେ ଭକ୍ଷଣ
କହିକି ପାରିବ ନାମ ତା' କ'ଣ ?



**ଉତ୍ତର: ଗାଈ**

**– କ୍ଷମାନିଧି ଭୋଇ**
ସାଗୁନପାଲି, ତାଲବ, ଶାସନ, ସମ୍ବଲପୁର
ମୋ: ୯୪୩୮୨୯୨୯୩୩



## ଶରତର ଆଗମନେ

ରଙ୍ଗବେରଙ୍ଗର ନାନା ଜାତି ଫୁଲ
ଫୁଟିଲେଣି ଉପବନେ
ନଈପଠା ଧାରେ କାଶତଣ୍ଡୀ ହସେ
ଶରତର ଆଗମନେ।
ଫୁଲରୁ ଫୁଲକୁ ପ୍ରଜାପତି ଘୂରି
ବୁଲୁଛି ହରଷ ମନେ
ଧରଣୀ ଉପରେ ଖରା ଛାଇ ଖେଳ
ବଦଳୁଛି ପ୍ରତିକ୍ଷଣେ।
ନଈ ନାଳ ବାଟ ପୋଖରୀ ଘାଟର
ଜଳ ନିର୍ମଳ ଦିଶେ
ଦୂର ଆକାଶରେ ନୀଳ ମେଘମାଳା
ଖଣ୍ଡ ଖଣ୍ଡ ହୋଇ ଭାସେ।
ସବୁଜିମା ଭରା ଧାନ କିଆରିରେ
କେଣ୍ଡା କେଣ୍ଡା ଧାନ ଫଳେ
ଧୀରେ ଧୀରେ ପାଣି ବହିଯାଏ ପୁଣି
ତହିଁ ପରେ ମୀନ ଖେଳେ।
ହରେକ ରକମ ତଟକା ପରିବା
ହାତ ପାହାନ୍ତାରେ ମିଳେ
ଜହ୍ନ ଆଲୁଅରେ ଫୁଟି କଇଁଫୁଲ
ଝାଉଁଳେ ସକାଳ ହେଲେ।

**– ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## କାଶଫୁଲ ରସେ ମନ

ବାଟଘାଟ, ନଈପଠା, ବିଲମାଳ
କି ସୁନ୍ଦର ଦେଖାଯାଉଛି,
ପାରବଣ ଋତୁ ଆସିଛି ବୋଲିତ
କାଶ ଆବାହନୀ ଗାଉଛି।
ଛିଣ୍ଡା ଛିଣ୍ଡା ଭସା ବଉଦର ତଳେ
ଧରିଛି ସେ ଧଳାଚାଁର,
ଦେଖିଲେ ଲାଗୁଛି ସତେକି କିଏ ସେ
ତୋଳିଛି ଧବଳ ନଅର।
ପବନ ଝୁଲଣା ଦେଉଛି ଝୁଲାଇ
କାଶ ତ ଝୁଲୁଛି ହରଷେ,
ଧୋବଧଉଳିଆ ବେଶଭୂଷା ତା'ର
ରସୁଛି ମନକୁ ସରସେ।
ବାଟୋଇ ଭାଇଟି ବାଟେ ଗଲାବେଳେ
ଯେବେ ତା'ର ଆଖି ପଡ଼ିଛି,
ଘଡ଼ିଏ ଅଟକି ଭାବୁଛି ଏକାକୀ
କୋଉ ବିଧାତା ସେ ଗଢ଼ିଛି।
ଭାରି ମନଲୋଭା ତା ରୂପର ଶୋଭା
ତୁଳନା ତାହାର ନାହିଁଟି,
ଯେତେ ଦେଖିଲେ ବି କାହିଁକି କେଜାଣି
ଝୁରେ ମନ ତାହା ପାଇଁଟି।


**– ଶରତ କୁମାର ଦାସ**
ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ଶରତ ରାଗେ

ଶରତ ଆସିଲା ନୀଳିମା ଆଙ୍କି,
ସୁନେଲି ଆଲୁଅ ଧରାରେ ଥାଙ୍କି।
କାଶତଣ୍ଡୀ ଫୁଲ ହସେ ନଦୀ କୂଳେ,
ମନ ନାଚେ ତା'ର ଶୁଭ୍ର ଝୁଲେ।
ପୂର୍ଣ୍ଣମୀ ଚାନ୍ଦ ରାତିରେ ଜାଗେ,
ତାରାର ମାଳା ତା' ସାଙ୍ଗେ ଲାଗେ।
ବିଲେ ଧାନକ୍ଷେତ ଲହରେ ଦୋଳେ,
ଗାଁ ଗହଳି ପରବେ ମଜେ।
ଜବା କୁଇ ଫୁଲ ବନେ ହସେ,
ସୌରଭେ ମାତେ ମନ ତା' ପାଶେ।
ନଈ ଗାଏ ଗୀତ କଳକଳ ସ୍ୱରେ,
ଶରତ ରାଗ ମନେ ଉଠେ ଭରେ।
ଶୀତ ଆସୁଛି, ବାଟେ ଦେଖାଏ,
ଶରତ ତା' ଆଗେ ରଙ୍ଗ ଛଡ଼ାଏ।
ଧରା ସାଜେ ଆନନ୍ଦ ଉଚ୍ଛ୍ୱାସେ,
ଶରତ ରାଗ ହୃଦୟେ ବାସେ।

**– ରାଜ କିଶୋର ନାୟକ**
ଡମାହାଣ୍ଡି, ଦଶପଲ୍ଲା, ନୟାଗଡ଼
ମୋ: ୯୩୩୭୮୧୧୩୮୩





# ଅଜବ ସ୍କୁଲ

*ଆମ ଦେଶରେ ସାଧାରଣ ସ୍କୁଲ୍‌ଠାରୁ ଏ ସ୍କୁଲ୍ ଟିକେ ନିଆରା। ଏଠାରେ ପିଲାଙ୍କୁ ଶିକ୍ଷାଦାନ ଅଲଗା ଢଙ୍ଗରେ ଦିଆଯାଇଥାଏ। ଏହି ସ୍କୁଲ୍‌ରେ ପିଲାମାନେ ବହି ଶିକ୍ଷା ପାଇବା ସହିତ ପ୍ରକୃତି ବିଷୟରେ ଅନେକ ଶିକ୍ଷା ଗ୍ରହଣ କରନ୍ତି। ଏହାବ୍ୟତୀତ ବ୍ୟାବହାରିକ ଜ୍ଞାନ ଆହରଣ କରିବାର ସୁଯୋଗ ମଧ୍ୟ ମିଳିଥାଏ। ଜାଣନ୍ତୁ ଏପରି କେତୋଟି ସ୍କୁଲ ବିଷୟରେ...*

### ➤ଲେବଲ ଫିଲ୍ଡ ସ୍କୁଲ, ପଶ୍ଚିମବଙ୍ଗ

ପଶ୍ଚିମବଙ୍ଗସ୍ଥିତ ବୀରଭୂମ ଜିଲାରେ ହୁସ୍‌ନାବାଦ ଗାଁରେ ଏହି ସ୍କୁଲ ଅବସ୍ଥିତ। ଭାରତୀୟ ଶିକ୍ଷା ପ୍ରଣାଳୀର ପାରମ୍ପରିକ ଉପାୟଠୁ ଅଲଗା କିଛି ଢଙ୍ଗରେ ଏଠାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦିଆଯାଏ। ଇଂରାଜୀ ହେଉ କି ଗଣିତ- ଯେକୌଣସି ବିଷୟରେ ପଢ଼ାଇବା ଲାଗି ପହେଳି, ଆପ୍ସ ଏବଂ ଖେଳର ସହାୟତା ନିଆଯାଇଥାଏ। ଏହି ସ୍କୁଲ୍‌ରେ ପଢୁଥିବା ପିଲା ଛୋଟ ବୟସରୁ ଆନିମଲ ଫାର୍ମ, ଗୁଲିବର୍ସ ଟ୍ରାଭେଲ ଏବଂ ମ୍ୟାକ୍‌ବେଥ ଭଳି କ୍ଲାସିକ୍ ବହି ପଢ଼ିଥା'ନ୍ତି। ପାଠପଢ଼ା ବ୍ୟତୀତ ଶିକ୍ଷଣୀୟ ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଏ ଏବଂ ପିଲାମାନେ ଏଥିରୁ ଅନେକ କଥା ଶିଖିଥାଆନ୍ତି।

### ➤ହ୍ରଦରେ ଭାସୁଥିବା ପ୍ରାଥମିକ ବିଦ୍ୟାଳୟ : ଲୋକଟକ୍ ଲେକ୍ ସ୍କୁଲ, ମଣିପୁର

ମଣିପୁର ରାଜ୍ୟର ଲୋକଟକ୍ ଲେକ୍ ସ୍କୁଲ। ଏହା ଏମିତି ଏକ ସ୍କୁଲ, ଯାହା ପାଣିରେ ଭାସମାନ ଅବସ୍ଥାରେ ରହିଛି। ଭାରତରେ ଏପରି ଅବସ୍ଥାରେ ଥିବା ଏହା ହେଉଛି ଏକ ମାତ୍ର ଶିକ୍ଷାନୁଷ୍ଠାନ। ଏହା ଲୋକଟକ୍ ହ୍ରଦ ଉପରେ ଅବସ୍ଥିତ। ଏହି ସ୍କୁଲ୍‌ଟି ଦୁଇଜଣ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି। ଉକ୍ତ ସ୍କୁଲ୍‌ରେ ଏହି ହ୍ରଦ କୂଳରେ ବସବାସ କରୁଥିବା ପିଲାମାନେ ପଢ଼ିଥାଆନ୍ତି।



### ➤ଦୁଇ ହାତରେ ଲେଖିବା ପ୍ରଶିକ୍ଷଣ

ପିଲାଏ,ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ, ଆମ ଦେଶରେ ଏମିତି ବି ଏକ ସ୍କୁଲ୍ ଅଛି, ଯେଉଁଠି ପଢୁଥିବା ପିଲାମାନେ ଗୋଟିଏ ନୁହେଁ ଦୁଇଟି ହାତରେ ଲେଖିଥା'ନ୍ତି। ଏହାଠୁ ଅଧିକ ଆଶ୍ଚର୍ଯ୍ୟ କରୁଥିବା ଘଟଣାଟି ହେଲା ପିଲାମାନେ ଦୁଇଟି ହାତରେ ଅଲଗା ଅଲଗା ଭାଷାରେ ଲେଖିଥା'ନ୍ତି। ମଧ୍ୟପ୍ରଦେଶର ସିଙ୍ଗରେଲି ଜିଲାଠାରୁ ୧୫ କିଲୋମିଟର ଦୂରରେ ବୁଧେଲା ନାମକ ସ୍ଥାନରେ ବୀଣାବାଦିନୀ ପବ୍ଲିକ୍ ସ୍କୁଲରେ ଏଭଳି ଉପାୟରେ ଶିକ୍ଷା ଦିଆଯାଏ। ଏଠାକାର ପ୍ରାୟ ୧୦୦ରୁ ଅଧିକ ବିଦ୍ୟାର୍ଥୀ ଦୁଇଟି ହାତରେ ଲେଖିବା ପାଇଁ ପୂରା ସିଦ୍ଧହସ୍ତ। ଏହି ସ୍କୁଲ୍‌ର ପ୍ରାରମ୍ଭ ୧୯୯୯ରେ ଆରମ୍ଭ ହୋଇଥିଲା। ଏଠାରେ ପିଲାଙ୍କୁ ଅତିକମ୍‌ରେ ୬ଟି ଅଲଗା ଅଲଗା ଭାଷାରେ ଲେଖିବାକୁ ଦିଆଯାଇଥାଏ।

### ➤ଜ୍ଞାନ ସହ ମନୋରଞ୍ଜନ

ତାମିଲନାଡୁର କୋଏମ୍ବାଟୁରର ଶାନ୍ତ ଏବଂ ସବୁଜିମାରେ ଭରି ରହିଛି ଏହି ସ୍କୁଲ। ଉକ୍ତ ସ୍କୁଲର ନାମ ହେଉଛି ଦ ୟେଲୋ ଟ୍ରେନ ସ୍କୁଲ। ବହୁତ ପ୍ରେରଣାଦାୟକ ଏବଂ ଶାନ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଏଠାରେ ଶିକ୍ଷାଦାନ କରାଯାଏ। ସ୍କୁଲ କ୍ୟାମ୍ପସ୍‌ର ଡିଜାଇନ୍ ଏପରି କରାଯାଇଛି ଯେ, ପିଲାଙ୍କର ରଚନାତ୍ମକ ଏବଂ କଳାତ୍ମକ ମନୋଭାବକୁ ପ୍ରୋତ୍ସାହିତ କରେ। ବନ୍ୟ ଜୀବଜନ୍ତୁଙ୍କ ବିଷୟରେ ଜାଣିବା, ବାଦ୍ୟଯନ୍ତ୍ର ବଜାଇବା, ମାଟିପାତ୍ର ତିଆରି କରିବା ସହ ସେମାନଙ୍କର ଆଗ୍ରହ ଅନୁଯାୟୀ ଆକ୍ଟିଭିଟିରେ ପିଲାମାନେ ସାମିଲ ହୋଇଥାନ୍ତି। ଏଠାକାର ଶିକ୍ଷକମାନେ ପିଲାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିଥାନ୍ତି। ଏଠାରେ ପଢୁଥିବା ପିଲାମାନେ ଜ୍ଞାନ ଆହରଣ କରିବା ସହିତ ଏପରି ପାଠପଢ଼ାର ଭରପୁର ମଜା ନେଇଥାଆନ୍ତି। ଉକ୍ତ ସ୍କୁଲରେ ପାଠ୍ୟ ଖସଡା ବ୍ୟତୀତ ସେମାନଙ୍କର ବ୍ୟକ୍ତିତ୍ୱର କିପରି ସାମଗ୍ରିକ ବିକାଶ ଘଟିବ ତା' ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ।

### ➤ଚିରାଗ ସ୍କୁଲ

ଉତ୍ତରାଖଣ୍ଡ ରାଜ୍ୟ ନୈନିତାଲ ଜିଲା ସିମାୟଲ ଗାଁର ନିକଟ ଓଡାଖାନ୍‌ସ୍ଥିତ ଚିରାଗ ସ୍କୁଲ ଅବସ୍ଥିତ। ଏହାର ସ୍ଥାପନା ୨୦୦୬ରେ ହୋଇଥିଲା। ଯେଉଁମାନେ ଆର୍ଥିକ ରୂପରେ ଦୁର୍ବଳ, ସେହି ପିଲାମାନଙ୍କୁ ଏଠାରେ ପଢ଼ିବା ଲାଗି ସୁଯୋଗ ମିଳିଥାଏ। ଏହା ଏକ ହିନ୍ଦୀ ମାଧ୍ୟମ ସ୍କୁଲ। ସ୍କୁଲଟି ଚିରାଗ ସ୍ୱଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ। ଏକ ମନଲୋଭା ପ୍ରାକୃତିକ ପରିବେଶ ଭିତରେ ସ୍କୁଲଟି ଅବସ୍ଥିତ। ଏହାର କେବଳ ଭିତର ଭାଗ ନୁହେଁ, ବାହ୍ୟ ପରିବେଶ ମଧ୍ୟ ବେଶ୍ ଆକର୍ଷଣୀୟ। ଆଖପାଖ ତିନୋଟି ଗାଁର ଗ୍ରାମବାସୀ, ଶିକ୍ଷକ ଏବଂ ଯୁବବର୍ଗଙ୍କ ସହାୟତାରେ ସ୍କୁଲଟି ସ୍ଥାପିତ ହୋଇଛି।

# କାହିଁକି ଜାରି ହୁଏ ଆଲର୍ଟ




**ଭା**ରତୀୟ ପାଣିପାଗ ବିଭାଗ ଯେତେବେଳେ କୌଣସି ଆଲର୍ଟ ଜାରି କରିଥାଏ, ସେ ଚାରୋଟି ରଙ୍ଗ-ରେଡ୍, ଅରେଞ୍ଜ, ୟେଲୋ, ଗ୍ରୀନ୍ କୋଡ୍ ବ୍ୟବହାର କରିଥାଏ। ଭାରତୀୟ ପାଣିପାଗ ବିଭାଗର ବର୍ଷା, ପବନ, ଘୂର୍ଣ୍ଣିଝଡ ଆଦି ଲାଗି ଅଲଗା ଅଲଗା ଆଲର୍ଟ ଜାରି କରିଥାଏ। କାରଣ ଏଭଳି ରଙ୍ଗର ଆଲୋକ ଟ୍ରାଫିକ ସିଗନାଲ ବେଳେ ବ୍ୟବହାର କରାଯାଏ ଏବଂ ସାଧାରଣ ଲୋକ ଏଭଳି ରଙ୍ଗ ସହ ପ୍ରାୟ ଜଡିତ। ତେଣୁ ସେମାନେ ଏହି ରଙ୍ଗବିଶିଷ୍ଟ ସୂଚନାକୁ ସହଜରେ ମନେ ରଖିପାରନ୍ତି।

### ରେଡ୍ ଆଲର୍ଟ

ଏହା ସବୁଠାରୁ ଗମ୍ଭୀର ଚେତାବନୀ। ଅତ୍ୟଧିକ ବର୍ଷା, ପବନର ଆଶଙ୍କା ଥିଲେ ଏହି ସୂଚନା ଦିଆଯାଏ। କାରଣ ଏହାଦ୍ୱାରା ଧନ ସମ୍ପତ୍ତି କ୍ଷତିର ସମ୍ଭାବନା ଥାଏ। ରେଡ୍ ଆଲର୍ଟ ସୂଚନାର ଅର୍ଥ ହେଲା ତତ୍‌କ୍ଷଣାତ ସେଭଳି ପ୍ରାକୃତିକ ବିପତ୍ତିକୁ ନେଇ ସତର୍କ ରହିବା। ଏପରି ସୂଚନା ଥିଲେ ପ୍ରାୟ କୌଣସି ସ୍ଥାନରେ ୧୦୦ମିଲି ମିଟରରୁ ଅଧିକ ବର୍ଷା ସମ୍ଭାବନା ଥାଏ।

### ଅରେଞ୍ଜ ଆଲର୍ଟ

ଏହା ମଧ୍ୟମ ସ୍ତରର ଆଲର୍ଟ। ଯାହା ଗମ୍ଭୀର, କିନ୍ତୁ ରେଡ୍ ଆଲର୍ଟରେ ଯେତେ ବିପଦ ଥାଏ ଏଥିରେ ସେତେ ନ ଥାଏ। ଲୋକଙ୍କୁ ସତର୍କ ରହିବାକୁ କେବଳ ସୂଚନା ଦିଆଯାଏ। ଏପରି ଆଲର୍ଟରେ ପାଗ ଅଧିକ ଖରାପ ହେବାର ଆଶଙ୍କା ରହିଛି। ଯେମିତିକି ଅଧିକ ବର୍ଷା, ପବନ, ଘଡ଼ଘଡି ହେବାର ସମ୍ଭାବନା ରହିଛି। ଏହି ପରିସ୍ଥିତିରେ ଲୋକଙ୍କୁ ଘରେ ରହିବାକୁ ସୂଚନା ଦିଆଯାଏ।

### ୟେଲୋ ଆଲର୍ଟ

ଏହି ଆଲର୍ଟ ସତର୍କ ରହିବାକୁ ଜାରି କରାଯାଇଥାଏ। ଯେମିତିକି ହାଲୁକା, ମଧ୍ୟମ ବର୍ଷାର ସମ୍ଭାବନା ରହିଥାଏ।

### ଗ୍ରୀନ ଆଲର୍ଟ

ଗ୍ରୀନ ଆଲର୍ଟ ସେତେବେଳେ ଜାରି କରାଯାଏ, ଯେତେବେଳେ କି ହାଲୁକାରୁ ମଧ୍ୟମ ଧରଣ ବର୍ଷାର ସମ୍ଭାବନା ଥାଏ। ଏହି ସମୟରେ ଅଧିକ ସତର୍କ ରହିବାକୁ ପଡି ନ ଥାଏ। କେବଳ ସାବଧାନ ରହିବାକୁ ପଡେ।



# ଆଇନା





ଇନାୟା ତାହେର
୪ ବର୍ଷ/ଖୋର୍ଦ୍ଧା

ସତରୂପା ପ୍ରିୟଦର୍ଶିନୀ ଦଳେଇ
୫ ବର୍ଷ/ ଗଞ୍ଜାମ